# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**15 October – 2024**
**News Editor : *Tapan Kumar Moharana***

# ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ୧୭ ତାରିଖରେ ମୁମ୍ବାଇ ଗସ୍ତରେ ଯିବେ । ସେଠାରେ ନିବେଶକଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦୁଝରରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ନିବେଶକଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି । ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ରୋଡ ଶୋ'ରେ ଶ୍ରୀ ମାଝି ଅଂଶଗ୍ରହଣ କରିବେ । ସୂଚନାଯୋଗ୍ୟ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ଆୟୋଜିତ ହେବ ।

# ଧର୍ମେନ୍ଦ୍ର ପ୍ରଧାନ-ଉତ୍କର୍ଷ କେନ୍ଦ୍ର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ୩ଟି ଏଆଇ ଉତ୍କର୍ଷ କେନ୍ଦ୍ରର ଘୋଷଣା କରିବେ । ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର ବିକାଶ କ୍ଷେତ୍ରରେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଏହି କେନ୍ଦ୍ରଗୁଡ଼ିକୁ ଶୀର୍ଷ ଶିକ୍ଷାନୁଷ୍ଠାନ,

ଶିଳ୍ପ ଅଂଶୀଦାର ଏବଂ ଷ୍ଟାଟ୍‌ଅପ୍ କମ୍ପାନୀଗୁଡ଼ିକ ନେତୃତ୍ୱ ପ୍ରଦାନ କରିବେ । ଏକ ପ୍ରଭାବଶାଳୀ ଏଆଇ ଇକୋ ସିଷ୍ଟମକୁ ବିକଶିତ କରିବା ଏବଂ ଏହିସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ମାନବ ସମ୍ବଳକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି ଉତ୍କର୍ଷ କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ ।

## ସ୍କ୍ରାପିଂ ପାଇଁ ବକେୟା ଛାଡ

୧୫ବର୍ଷରୁ ଅଧିକ ପୁରୁଣା ଗାଡ଼ି ଗୁଡ଼ିକର ସ୍କ୍ରାପିଂ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାର ବକେୟା ପାଉଣା ଛାଡ କରିବା ଅବଧି ଆଉ ୨ବର୍ଷ ବୃଦ୍ଧି କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ବିଭାଗ କହିଛି ୨୦୨୨ ମସିହାରେ ସରକାର ଗାଡ଼ି ସ୍କ୍ରାପ୍ ନୀତି ପ୍ରଣୟନ କରିଥିଲେ । ୧୫ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକୁ ସ୍କ୍ରାପ ପାଇଁ ବ୍ୟବସ୍ଥା କରାଗଲେ ବକେୟା ଥିବା ଟିକସ ଏବଂ ଜୋରିମାନା ଛାଡ ବ୍ୟବସ୍ଥା ଏହି ନୀତିରେ ରହିଛି । ଏକବର୍ଷ ପାଇଁ ରହିଥିବା ଏହି ସମୟସୀମାକୁ ଏବେ ଆଉ ୨ବର୍ଷକୁ ବୃଦ୍ଧି କରାଯାଇଛି । ତେବେ ସରକାରଙ୍କ ଦ୍ୱାରା ପଞ୍ଜିକୃତ ସଂସ୍ଥା ଦ୍ୱାରା ସ୍କ୍ରାପ୍ ହେବା ଜରୁରୀ । ସୂଚନାଯୋଗ୍ୟ ଗତ ଅଗଷ୍ଟ ମାସରେ କେନ୍ଦ୍ର ସରକାର ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ ।

## ବିବାହ ଦଲିଲ-ଆଇନ୍ ମନ୍ତ୍ରଣାଳୟ

ନୋଟାରୀଙ୍କ ଦ୍ୱାରା ପ୍ରସ୍ତୁତ ବିବାହ କିମ୍ବା ବିଚ୍ଛେଦ ଦଲିଲ ବୈଧ ନୁହେଁ ବୋଲି ଆଇନ୍ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏଭଳି ଦଲିଲ ବେଆଇନ୍ ବିବେଚିତ ହେବ ବୋଲି କୁହାଯାଇଛି । ମନ୍ତ୍ରଣାଳୟ କହିଛି ନୋଟାରୀ ଆଇନ୍ ୧୯୫୨ ଏବଂ ନୋଟାରିଜ୍ ନିୟମାବଳୀ ୧୯୫୬ ଅନୁଯାୟୀ ବିବାହ କିମ୍ବା ବିଚ୍ଛେଦ ସମ୍ପର୍କିତ ଦଲିଲ ପ୍ରସ୍ତୁତ କରିବାକୁ ନୋଟାରୀ ବୈଧ ଅଧିକାରୀ ନୁହଁନ୍ତି । ତେଣୁ ଏପରି କାର୍ଯ୍ୟରୁ ବିରତ ରହିବା ପାଇଁ ନୋଟାରୀଙ୍କୁ ପରାମର୍ଶ ଦିଆଯିବା ସହ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାନାମାରେ କୁହାଯାଇଛି ।

## ଶ୍ରୀଜୀଉଙ୍କୁ ଶୃଙ୍ଖଳିତ ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନକୁ ଅଧିକ ସୁବିଧାଜନକ କରିବା ଲକ୍ଷ୍ୟରେ ଏକ ନକ୍ସା ପ୍ରସ୍ତୁତ କରାଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଶ୍ରଦ୍ଧାଳୁ ୭ ପାହାଚ ଦେଇ ସ୍ୱତନ୍ତ୍ର ରାମ୍ପ ଦ୍ୱାରା ଠାକୁରଙ୍କ ଦର୍ଶନ ଏବଂ ଘଣ୍ଟି ଦ୍ୱାର ଦେଇ ବାହାରକୁ ବାହାରିବା ନିମନ୍ତେ ଏହି ନକ୍ସାରେ ବ୍ୟବସ୍ଥା କରାଯାଇଛି । ନାଟମଣ୍ଡପଠାରୁ ୪ ଲେନ୍ ବିଶିଷ୍ଟ ସ୍ୱତନ୍ତ୍ର କାଠ ରାମ୍ପ ପ୍ରସ୍ତୁତ ପାଇଁ ବ୍ୟବସ୍ଥା ରହିଛି । ଆସନ୍ତା ମାର୍ଗଶୀର ମାସରୁ ବଡଦେଉଳ ନାଟମଣ୍ଡପଠାରୁ ସ୍ୱତନ୍ତ୍ର ରାମ୍ପରୁ ସୁବିଧାଜନକଭାବେ

ଠାକୁରଙ୍କ ଦର୍ଶନ ପାଇଁ ଏହି ପଦକ୍ଷେପ ନିଆଯାଉଛି ବୋଲି ଆଇନ୍‌ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଶ୍ୱ ହାତଧୂଆ ଦିବସ

ହାତଦ୍ୱାରା ଜୀବାଣୁ ପାଟିକୁ ଯାଉଥିବାରୁ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଚଳିତବର୍ଷ  ବିଶ୍ୱ ହାତଧୁଆ ଦିବସର ବାର୍ତ୍ତା ରହିଛି ‘ସ୍ୱଚ୍ଛ ହାତ କାହିଁକି ଗୁରୁତ୍ୱପୂର୍ଣ୍ଣ’ । ବିଦ୍ୟାଳୟ ଗୁଡ଼ିକରେ ହାତଧୁଆ ଦିବସ ପାଳନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏକ ମାସ ଧରି ଆସନ୍ତା ମାସ ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆ ଅଭ୍ୟାସ କରାଯିବ । ଏ ସମ୍ପର୍କରେ  ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

## ଦିଲ୍ଲୀ ଯିବେ ଆଇଜି

ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାର ତଦନ୍ତର ସ୍ଥିତି ସମୀକ୍ଷା କରିବା ଲାଗି ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ସି.ଏ.ଡବ୍ଲ୍ୟୁ ଏବଂ ସି.ଡବ୍ଲ୍ୟୁ.ଆଇ.ଜି ଏସ୍ ସାଇନି ଦିଲ୍ଲୀ ଗସ୍ତରେ ଯିବେ । ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ କହିଛନ୍ତି ଦିଲ୍ଲୀ ପୁଲିସ ସହ ସମନ୍ୱୟ ରଖି ଘଟଣାର ତଦନ୍ତ ପ୍ରକ୍ରିୟାରେ ରାଜ୍ୟ ପୁଲିସ ତରଫରୁ ସମସ୍ତ ପ୍ରକାର

ସହଯୋଗ ପ୍ରଦାନ କରାଯିବ । ଆଇଜି ସାଇନି ଦିଲ୍ଲୀଠାରେ ପୀଡିତାଙ୍କୁ ସାକ୍ଷାତ୍ କରିବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅନୁଧାନ କରିବେ ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

# ବୃଦ୍ଧାଶ୍ରମ-ସମ୍ପୂର୍ଣ୍ଣ ବିବିରଣୀ ଦାଖଲ

ରାଜ୍ୟରେ କାର୍ଯ୍ୟ କରୁଥିବା ଘରୋଇ ବୃଦ୍ଧାଶ୍ରମ ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି । ରାଜ୍ୟରେ ରହିଥିବା ବହୁ ଘରୋଇ ବୃଦ୍ଧାଶ୍ରମ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପରିଧି ଅର୍ନ୍ତଭୁକ୍ତ ନୁହଁନ୍ତି । ଫଳରେ ସେଗୁଡ଼ିକର ସମୀକ୍ଷା କରାଯାଇ ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ବିବରଣୀ ୭ ଦିନ ମଧ୍ୟରେ ଦାଖଲ କରିବାକୁ ବିଭାଗ ପକ୍ଷରୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ।

# ସିବିଏସ୍ଇ-ମାର୍ଗଦର୍ଶିକା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ୨୦୨୫ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି ହୋଇଛି । ଶ୍ରେଣୀଗୃହରେ ଉପସ୍ଥାନ ୭୫ ପ୍ରତିଶତରୁ କମ୍ ଥିଲେ ସଂପୃକ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହେବେ । ତେବେ ସ୍ୱାସ୍ଥ୍ୟ ସମ୍ପର୍କିତ ଜରୁରୀ

ପରିସ୍ଥିତି ନେଇ ୨୫ ପ୍ରତିଶତ ଉପସ୍ଥାନକୁ ଛାଡ କରାଯାଇ ପାରିବ ବୋଲି ଏହି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି ।